# NATIONAL NEWS BULLETIN (ODIA)

**11 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ଜାରି ହେବ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ-ଚୀନ୍ ସୀମା ପରିସ୍ଥିତିର ଜରୁରୀକାଳୀନ ଭିତ୍ତିରେ ସମାଧାନ ହେବା ଆବଶ୍ୟକ ।

- ଜାତୀୟ ମାନବାଧିକାର କମିଶନ ଏକ ଅଙ୍ଗରୋପଣ ର୍ୟାକେଟ୍ ଧରାପଡିବା ଘଟଣାରେ ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ନୋଟିସ୍ ପଠାଇଛି ।

- ଆଜି ସମଗ୍ର ଦେଶରେ ଧାର୍ମିକ ମନୋଭାବ ଓ ଆନନ୍ଦ ଉଲ୍ଲାସ ସହକାରେ ଇଦ୍-ଉଲ୍-ଫିତର ପାଳିତ ହେଉଛି ।

ଏବଂ

- ଜାମ୍ମୁ-କାଶ୍ମୀରର ପୁଲୱାମା ଜିଲ୍ଲାରେ ନିରାପତ୍ତାବାହିନୀ ଜବାନମାନଙ୍କ ସହ ସଂଘର୍ଷରେ ଜଣେ ସନ୍ତ୍ରାସବାଦୀ ପ୍ରାଣ ହରାଇଛି ।

# ଥାର୍ଡ ଫେଜ୍ ନୋଟିଫିକେଶନ

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ଜାରି ହେବ । ଏହି ପର୍ଯ୍ୟାୟରେ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୯୪ଟି ଆସନରୁ ମତଦାନ ହେବ । ଗୁଜୁରାଟର ସମସ୍ତ ୨୬ଟି ଯାକ ଲୋକସଭା ଆସନ, କର୍ଣ୍ଣାଟକର ୧୪ଟି ଆସନ, ମହାରାଷ୍ଟ୍ରର ୧୧ଟି ଆସନ, ଉତ୍ତରପ୍ରଦେଶର ୧୦ଟି ଆସନ, ମଧ୍ୟପ୍ରଦେଶର ୮ଟି ଆସନ, ଛତିଶଗଡର ୭ଟି ଆସନ, ବିହାରର ୫ଟି ଆସନ, ଆସାମ ଓ ପଶ୍ଚିମବଙ୍ଗର ୪ଟି ଲେଖାଏଁ ଆସନ, ଗୋଆ, ଦାଦ୍ରାନଗର ହାବେଲୀ, ଡାମନ ଓ ଡିଉର ୨ଟି ଲେଖାଏଁ ଆସନ ଏବଂ ଜାମ୍ମୁ-କାଶ୍ମୀରର ଗୋଟିଏ ଆସନରେ ଏହି ପର୍ଯ୍ୟାୟରେ ମତଦାନ ହେବ ।

ମଧ୍ୟପ୍ରଦେଶର ବେତୁଲ ଲୋକସଭା ଆସନ ପାଇଁ ମଧ୍ୟ ଆସନ୍ତାକାଲି ବିଜ୍ଞପ୍ତି ଜାରି ହେବ । ବେତୁଲ ଲୋକସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିଲା । କିନ୍ତୁ ବହୁଜନ ସମାଜ ପାର୍ଟି ପ୍ରାର୍ଥୀଙ୍କର ବିୟୋଗ ଘଟିବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ହୋଇପାରିବ । ଏହି ପର୍ଯ୍ୟାୟରେ ମେ’ ମାସ ୭ ତାରିଖରେ ମତଦାନ ହେବ ।

# ମଥୁରା-କନ୍‌ଷ୍ଟିଚ୍ୟୁଏନ୍ସି

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶର ୮ଟି ଲୋକସଭା ଆସନରେ ମତଦାନ ହେବ । ସେଗୁଡ଼ିକ ମଧ୍ୟରେ ମଥୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ । ଏହି ଆସନରେ ବିଜେପି ଅଭିନେତ୍ରୀ ହେମାମାଳିନୀଙ୍କୁ ଛିଡା କରାଇଛି । ହେମାମାଳିନୀ ସେହି ଆସନରୁ କ୍ରମାନ୍ୱୟରେ ୨ଥର ନିର୍ବାଚିତ ହୋଇଛନ୍ତି । ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି-କଂଗ୍ରେସ ମେଣ୍ଟ ସେଠାରୁ ମୁକେଶ ଧାଙ୍ଗଡଙ୍କୁ ପ୍ରାର୍ଥୀ କରିଛି । ବି.ଏସ୍.ପି ସୁରେଶ ସିଂହଙ୍କୁ ସେଠାରୁ ପ୍ରାର୍ଥୀ କରିଛି । ଏମାନଙ୍କ ବ୍ୟତୀତ ଆଉ ୧୨ଜଣ ନିର୍ଦ୍ଦଳୀୟ ପ୍ରାର୍ଥୀ ସେଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି ମଥୁରା ଲୋକସଭା ଆସନ ଅଧୀନରେ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ସେଗୁଡ଼ିକ ହେଉଛି - ଛଟା, ମାଣ୍ଟ, ଗୋବର୍ଦ୍ଧନ, ମଥୁରା ଓ ବଳଦେବ ନିର୍ବାଚନ ମଣ୍ଡଳୀ । ମଥୁରା ଲୋକସଭା ଆସନରେ ୧୯ଲକ୍ଷ ୨୩ହଜାର ୨୬୩ଜଣ ମତଦାତା ରହିଛନ୍ତି । ସେମାନଙ୍କ ମଧ୍ୟରେ ୧୦ଲକ୍ଷ ୨୮ହଜାର ୮୪୦ଜଣ ପୁରୁଷ ମତଦାତା, ୮ଲକ୍ଷ ୯୪ହଜାର ୩୬୨ଜଣ ମହିଳା ମତଦାତା ଓ ୬୧ଜଣ କ୍ଲୀବ ମତଦାତା ଅଛନ୍ତି ।

# ପିଏମ୍-ଚାଇନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ-ଚୀନ୍ ସୀମା ପରିସ୍ଥିତିର ଜରୁରୀକାଳୀନ ଭିତ୍ତିରେ ସମାଧାନ ହେବା ଆବଶ୍ୟକ, ଯାହାଫଳରେ ସମ୍ପର୍କରେ ଥିବା ସମସ୍ତ ଅସ୍ୱାଭାବିକତା ଦୂର ହେବ । ସେ କହିଛନ୍ତି ଭାରତ ଓ ଚୀନ୍ ମଧ୍ୟରେ ସ୍ଥିର ଓ ଶାନ୍ତିପୂର୍ଣ୍ଣ ସମ୍ପର୍କ ଉଭୟ ଦେଶ ସମେତ ସମଗ୍ର ବିଶ୍ୱ ପାଇଁ ମଙ୍ଗଳକାରୀ ହେବ ।

ଆମେରିକାର ଏକ ପତ୍ରିକାକୁ ଦେଇଥିବା ସାକ୍ଷାତ୍କାରରେ ଶ୍ରୀ ମୋଦୀ କହିଛନ୍ତି କୂଟନୈତିକ ଓ ସାମରିକ ସ୍ତରରେ ଦ୍ୱିପକ୍ଷୀୟ ସକାରାତ୍ମକ କଥାବାର୍ତ୍ତା ମାଧ୍ୟମରେ ଉଭୟ ଦେଶ ସୀମାରେ ଶାନ୍ତି ଓ ସ୍ଥିରତା ଆଣିପାରିବ ବୋଲି ତାଙ୍କର ଆଶା ରହିଛି ।

ଭାରତୀୟ ଗଣତନ୍ତ୍ର ଉପରେ ସେ କହିଛନ୍ତି ଦେଶରେ ମତଦାତାମାନଙ୍କର ଅଂଶଗ୍ରହଣ କ୍ରମାନ୍ୱୟରେ ବୃଦ୍ଧି ପାଇବାରେ ଲାଗିଛି । ଏଥିରୁ ଦେଶର ଜନସାଧାରଣଙ୍କର ଗଣତନ୍ତ୍ର ଉପରେ ଅଗାଧ ବିଶ୍ୱାସ ଥିବାର ପ୍ରମାଣିତ ହେଉଛି । ସେ ପୁଣି କହିଛନ୍ତି ବିଶ୍ୱର ସର୍ବବୃହତ୍ତ ଗଣତନ୍ତ୍ର ଭାବେ ୨୦୧୯ ସାଧାରଣ ନିର୍ବାଚନରେ ୬୦୦ନିୟୁତ ଲୋକ ମତଦାନ କରିଥିଲେ । ସେ କହିଛନ୍ତି ଏଥରକର ସାଧାରଣ ନିର୍ବାଚନରେ ୯୭୦ ନିୟୁତ ଲୋକ ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ ।

## ଏନ୍‌ଏଚ୍‌ଆର୍‌ସି-ରାଜସ୍ଥାନ, ହରିୟାଣା

ଜାତୀୟ ମାନବାଧିକାର କମିଶନ ଏକ ଅଙ୍ଗରୋପଣ ର୍ୟାକେଟ୍ ଧରାପଡିବା ଘଟଣା ଉପରେ ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ନୋଟିସ୍ ପଠାଇଛି । ଗଣମାଧ୍ୟମର ଖବରକୁ ବିଚାରକୁ ନେଇ ଏନ୍.ଏଚ୍.ଆର୍.ସି ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ୪ ସପ୍ତାହ ମଧ୍ୟରେ ସବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କହିଛି । ଅଙ୍ଗପ୍ରତ୍ୟଙ୍ଗ ଚୋରାଚାଲାଣକୁ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ କମିଶନ ଜାଣିବାକୁ ଚାହିଁଛି ।

ଜାତୀୟ ମାନବାଧିକାର କମିଶନ କହିଛି ଗଣମାଧ୍ୟମରୁ ମିଳିଥିବା ଖବର ଅନୁସାରେ ହରିୟାଣା ସ୍ୱାସ୍ଥ୍ୟ ବିଭାଗ ଏକ ଚଢ଼ଉ କରି ଏକ ଅଙ୍ଗରୋପଣ ର୍ୟାକେଟ୍‌କୁ ଧରିଥିଲା । ସେହି ର୍ୟାକେଟ୍ ହରିୟାଣା ଓ ରାଜସ୍ଥାନରେ କାର୍ଯ୍ୟ କରୁଥିଲା । ସ୍ୱାସ୍ଥ୍ୟ ବିଭାଗ ଜଣେ ବାଂଲାଦେଶୀ ନାଗରିକ ଓ ଆଉ ୪ଜଣଙ୍କୁ ଗିରଫ କରିବା ସମୟରେ ସେମାନେ ଘଟଣାସ୍ଥଳୀରେ ଏକ କିଡ୍‌ନୀ ରୋପଣ କରୁଥିଲେ ।

## ଇଦ୍-ଉଲ୍-ଫିତର

ଆଜି ସମଗ୍ର ଦେଶରେ ଧାର୍ମିକ ମନୋଭାବ ଓ ଆନନ୍ଦ ଉଲ୍ଲାସ ସହକାରେ ଇଦ୍-ଉଲ୍-ଫିତର ପାଳିତ ହେଉଛି । ରମ୍‌ଜାନ ମାସ ଶେଷରେ ଇଦ୍-ଉଲ୍-ଫିତର ପାଳିତ ହୋଇଥାଏ । ଏହି ଅବସରରେ

ମୁସଲମାନ ସମ୍ପ୍ରଦାୟର ଲୋକମାନେ ନବବସ୍ତ୍ର ପରିଧାନ କରି ଇଦ୍‌ଗାହ ଓ ମସ୍‌ଜିଦ ଗୁଡ଼ିକରେ ଇଦ୍ ପ୍ରାର୍ଥନା କରୁଛନ୍ତି । ସେମାନେ ପରସ୍ପର ମଧ୍ୟରେ ଇଦ୍ ଶୁଭେଚ୍ଛାର ଆଦାନ-ପ୍ରଦାନ କରୁଛନ୍ତି ।

ଦିଲ୍ଲୀର ଜାମ୍ମା ମସ୍‌ଜିଦ, ଫତେପୁର ମସ୍‌ଜିଦ ଓ ସାହି ଇଦଗାହଠାରେ ମୁଖ୍ୟ ଇଦ୍ ସମାବେଶ ଘଟିଥିଲା । ଏଥିପାଇଁ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି । କେରଳ ଓ ଜାମ୍ମୁ କାଶ୍ମୀରରେ ଗତକାଲି ଇଦ୍ ପାଳନ କରାଯାଇଛି ।

## ପ୍ରେସିଡେଣ୍ଟ-ଇଦ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଲ୍-ଫିତର ଓ ସରହୁଲ ଉପଲକ୍ଷେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି ଇଦ୍-ଉଲ୍-ଫିତର ହେଉଛି ଖୁସିର ପର୍ବ ଓ ଏହା ଏକତା, ସଦ୍‌ଭାବନା ଓ ଭ୍ରାତୃଭାବର ବାର୍ତ୍ତା ପ୍ରସାର କରିଥାଏ । ଇଦ୍-ଉଲ୍-ଫିତର କ୍ଷମା ଓ ଉଦାରତା ପାଇଁ ଲୋକମାନଙ୍କୁ ଅନୁପ୍ରାଣିତ କରିଥାଏ । ଇଦ୍-ଉଲ୍-ଫିତର ଦେଶକୁ ସମୃଦ୍ଧି ପଥରେ ଆଗେଇ ନେବା ଓ ଲୋକମାନଙ୍କୁ ଶାନ୍ତିରେ ଜୀବନଯାପନ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ କାମନା କରିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି ସରହୁଲ ନବବର୍ଷର ଆଗମନ ସହ ପାଳିତ ହୋଇଥାଏ ଓ ପ୍ରକୃତିକୁ ଭଲପାଇବା ଏବଂ ସମ୍ମାନ କରିବାର ବାର୍ତ୍ତା ବହନ କରିଥାଏ । ଦେଶର ଜନସାଧାରଣ ପରିବେଶର ସୁରକ୍ଷାକୁ ପ୍ରାଧାନ୍ୟ ଦେବେ ଓ

ମାନବ ଜାତିର କଲ୍ୟାଣ ପାଇଁ ଐକ୍ୟବଦ୍ଧ ହୋଇ କାର୍ଯ୍ୟ କରିବେ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି ।

## ଭାଇସ୍ ପ୍ରେସିଡେଣ୍ଟ-ପିଏମ୍-ଇଦ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଦ୍-ଉଲ୍-ଫିତର ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ଶ୍ରୀ ଧନଖଡ କହିଛନ୍ତି ଇଦ୍-ଉଲ୍-ଫିତର ଆମକୁ ଦୟା, ଉଦାରତା ଓ ଏକତାର ମୂଲ୍ୟବୋଧ ସ୍ମରଣ କରାଇଥାଏ । ଇଦ୍-ଉଲ୍-ଫିତର ଲୋକମାନଙ୍କ ପାଇଁ ସୁଖ ଓ ସମୃଦ୍ଧି ଆଣିଦେବ ବୋଲି ସେ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଦ୍-ଉଲ୍-ଫିତର ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ସେ କହିଛନ୍ତି ଇଦ୍-ଉଲ୍-ଫିତର ଦୟା, ଏକତା ଓ ଶାନ୍ତିର ବାର୍ତ୍ତା ପ୍ରସାର କରୁ, ଏହା ସେ କାମନା କରୁଛନ୍ତି ।

## ପିଏମ୍-ଫୁଲେ

ମହାତ୍ମା ଫୁଲେଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି ମହାତ୍ମା ଫୁଲେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ସମାଜ ସଂସ୍କାରକ ଥିଲେ ଓ ତାଙ୍କର ସମଗ୍ର ଜୀବନ

ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ ଓ ସମାନତା ପାଇଁ ଉତ୍ସର୍ଗ କରିଥିଲେ । ତାଙ୍କର ଜୀବନୀରୁ ଲକ୍ଷଲକ୍ଷ ଲୋକ ଅନୁପ୍ରାଣିତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶିକ୍ଷା ଓ ମହିଳାମାନଙ୍କୁ କ୍ଷମତାପନ୍ନ କରିବା ପାଇଁ ମହାତ୍ମା ଫୁଲେଙ୍କ ଅକ୍ଲାନ୍ତ ଉଦ୍ୟମ ଚିରସ୍ମରଣୀୟ ହୋଇ ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ହେଉଛି ଗରିବ ଓ ଅବହେଳିତ ଲୋକମାନଙ୍କୁ କ୍ଷମତାପନ୍ନ କରିବା ଲାଗି ମହାତ୍ମା ଫୁଲେଙ୍କ ଭିଜନକୁ ସାକାର କରିବାର ଦିବସ ।

## ପିଏମ୍-ଉତ୍ତରାଖଣ୍ଡ ର୍‍ୟାଲି

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଜେପି ସରକାର ଉତ୍ତରାଖଣ୍ଡର ଶତକଡା ୯୦ଭାଗ ପରିବାରକୁ ପାଇପ୍‌ଯୋଗେ ପାନୀୟ ଜଳ ଯୋଗାଇଛନ୍ତି । ରିଷିକେଶଠାରେ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି ତାଙ୍କ ସରକାର ‘ଏକ ପଦ - ଏକ ପେନ୍‌ସନ’ ଯୋଜନା ଲାଗୁ କରିଛନ୍ତି । ସେ କହିଛନ୍ତି କେନ୍ଦ୍ରର ବିଜେପି ସରକାର ଜବାନମାନଙ୍କୁ ଭାରତରେ ନିର୍ମିତ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଯୋଗାଇ ସେମାନଙ୍କର ଜୀବନ ରକ୍ଷା କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ଆଧୁନିକ ରାଇଫଲଠାରୁ ଆରମ୍ଭ କରି ଯୁଦ୍ଧବିମାନ ପର୍ଯ୍ୟନ୍ତ ସବୁକିଛି ଦେଶରେ ନିର୍ମିତ ହେଉଛି । ସେ କହିଛନ୍ତି ବିଜେପି ସରକାରଙ୍କ

ଅମଳରେ ଅଗ୍ରାଧିକାର ଭିତ୍ତିରେ ସୀମାନ୍ତ ଗ୍ରାମ ଗୁଡ଼ିକର ବିକାଶ କରାଯାଉଛି । ଶ୍ରୀ ମୋଦୀ କହିଛନ୍ତି ଗଙ୍ଗୋତ୍ରୀ, ଯମୁନୋତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ସଂଯୋଗ କରୁଥିବା ୯୦୦ କିଲୋମିଟର ଦୀର୍ଘ ରାଜପଥ ନିର୍ମାଣ କରାଯାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି କେନ୍ଦ୍ରରେ ଆଜି ଏଭଳି ଏକ ସରକାର ରହିଛି ଯାହା ଦେଶକୁ ଗତ ୧୦ବର୍ଷ ମଧ୍ୟରେ ଅଧିକ ଶକ୍ତିଶାଳୀ କରିପାରିଛି ।

## ଏନ୍‌ଆଇଏ-ପିଏଲ୍‌ଏଫ୍‌ଆଇ

ଜାତୀୟ ତଦନ୍ତକାରୀ ସଂସ୍ଥା ପିପୁଲ୍‌ସ ଲିବରେସନ ଫ୍ରଣ୍ଟ ଅଫ୍ ଇଣ୍ଡିଆ ସମ୍ବନ୍ଧୀୟ ଏକ ମାମଲାରେ ଜଣେ ଲୋକକୁ ଗିରଫ କରିଛି । ଏନ୍.ଆଇ.ଏର କହିବା ଅନୁସାରେ ଗତକାଲି ଝାଡ଼ଖଣ୍ଡ ଓ ଆସାମରେ ଖାନ୍‌ତଲାସୀ କରାଯାଇଥିଲା । ଏହାପରେ ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରୁ ବିନୋଦ ମୁଣ୍ଡା ନାମକ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି । ସେହି ବ୍ୟକ୍ତିଜଣକ ପିପୁଲ୍‌ସ ଲିବରେସନ ଫ୍ରଣ୍ଟ ଅଫ୍ ଇଣ୍ଡିଆର ଜଣେ ସଶସ୍ତ୍ର ସଦସ୍ୟ । ୪ଟି ମାମଲାରେ ପୋଲିସ ତାକୁ ଖୋଜୁଥିଲା । ପୋଲିସ ସେଠାରୁ ବହୁ ଆପତ୍ତିଜନକ ପଦାର୍ଥ ଜବତ କରିଛି । ତାହାମଧ୍ୟରେ ୨ଟି ଓ୍ୱାକିଟକି, ୫ଟି ମୋବାଇଲ ଫୋନ୍ ଓ ଅନେକ ସିମ୍‌କାର୍ଡ ରହିଛି । ଏନ୍.ଆଇ.ଏ କହିଛି ପିପୁଲ୍‌ସ ଲିବରେସନ ଫ୍ରଣ୍ଟ ଅଫ୍ ଇଣ୍ଡିଆକୁ ପୁନଃ

ସକ୍ରିୟ କରିବାକୁ ଉଦ୍ୟମ କରାଯାଇଥିଲା । ଏଥିପାଇଁ କୋଇଲ ବ୍ୟବସାୟୀ, ପରିବହନକାରୀ, ରେଳବାଇ ଠିକାଦାର ଓ ବ୍ୟବସାୟୀମାନଙ୍କ ଠାରୁ ବଳପୂର୍ବକ ଅର୍ଥ ଆଦାୟ କରାଯାଉଥିଲା ।

## ପୁଲଓ୍ୱାମା-ଏନ୍‌କାଉଣ୍ଟର

ଜାମ୍ମୁ-କାଶ୍ମୀରର ପୁଲଓ୍ୱାମା ଜିଲ୍ଲାରେ ନିରାପତ୍ତାବାହିନୀ ଜବାନମାନଙ୍କ ସହ ସଂଘର୍ଷରେ ଜଣେ ସନ୍ତ୍ରାସବାଦୀ ପ୍ରାଣ ହରାଇଛି । ପୋଲିସ କହିଛି ସନ୍ତ୍ରାସବାଦୀମାନଙ୍କ ଉପସ୍ଥିତି ବିଷୟରେ ଖବର ପାଇ ଜବାନମାନେ ରାଜପୋରା ଅଞ୍ଚଳର ଫ୍ରାସିପୋରା ଗ୍ରାମଠାରେ ଖୋଜାଖୋଜି ଆରମ୍ଭ କରିଥିଲେ । ଖୋଜାଖୋଜି ସମୟରେ ସନ୍ତ୍ରାସବାଦୀମାନେ ଜବାନମାନଙ୍କ ଉପରକୁ ଗୁଳି ଚଳାଇଥିଲେ ଓ ଜବାବରେ ଜବାନମାନେ ପାଲଟା ଗୁଳି ଚଳାଇଥିଲେ । ସଂଘର୍ଷରେ ଜଣେ ସନ୍ତ୍ରାସବାଦୀ ପ୍ରାଣ ହରାଇଥିବାର ପୋଲିସ କହିଛି । ମୃତ ସନ୍ତ୍ରାସବାଦୀର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ପୋଲିସ କହିଛି ଘଟଣାସ୍ଥଳୀରୁ କିଛି ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଆପତ୍ତିଜନକ ପଦାର୍ଥ ଜବତ କରାଯାଇଛି ।